# ଘରୋଇ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରେ ଆଗୁଆ ପ୍ରଜନନ କାର୍ଯ୍ୟ ଏବଂ ବର୍ଷସାରା ଉନ୍ନତ ଯାଆଁଳ ଉତ୍ପାଦନ ନିମନ୍ତେ ପ୍ରୋତ୍ସାହନ

ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଆଜି ଆମ ରାଜ୍ୟ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ରୂପେ ପରିଚିତ। ରାଜ୍ୟର ମଧୁରଜଳ ମାଛ ବିଶେଷତଃ କାର୍ପ ମାଛର ଚାହିଦା ଅଧିକ। ମାଛଚାଷରେ ଉନ୍ନତ ଯାଆଁଳ ଏକ ପ୍ରମୁଖ ଆବଶ୍ୟକତା। ପ୍ରତିବର୍ଷ ବର୍ଷା ଋତୁରେ କୃତ୍ରିମ ପ୍ରଜନନ କାର୍ଯ୍ୟ ରାଜ୍ୟର ମାଛ ହ୍ୟାଚେରୀ ମାନଙ୍କରେ କରାଯାଇଥାଏ। ରାଜ୍ୟର ମତ୍ସ୍ୟଚାଷୀ ମାନଙ୍କୁ ଉନ୍ନତ କାର୍ପମାଛ ଯାଆଁଳ ଯୋଗାଣ ଉଦ୍ଦେଶ୍ୟରେ ବର୍ଷାଋତୁ ପୂର୍ବରୁ ଆଗୁଆ କାର୍ପ ମାଛର ପ୍ରଜନନ କାର୍ଯ୍ୟ ସଫଳତାର ସହିତ କରାଯାଉଛି। ଘରୋଇ ଉଦ୍ୟୋଗ ହ୍ୟାଚେରୀମାନଙ୍କୁ ପ୍ରୋତ୍ସାହନ ଦେଇ ଏହି କାର୍ଯ୍ୟକ୍ରମରେ ସାମିଲ କରିବା ନିମନ୍ତେ ରାଜ୍ୟସରକାର ରାଜ୍ୟ ଯୋଜନା ବ୍ୟୟରେ ଚାରିଗୋଟି ଉନ୍ନତ ପ୍ରଭାବଶାଳୀ କାର୍ଯ୍ୟକ୍ରମ ମାଧ୍ୟମରେ ଯାଆଁଳ ଉତ୍ପାଦନକୁ ବ୍ୟାପକ କରିବା ନିମନ୍ତେ ଲକ୍ଷ୍ୟ ରଖିଛନ୍ତି।

## ଏହି କାର୍ଯ୍ୟକ୍ରମରେ ମିଳୁଥିବା ସରକାରୀ ସହାୟତା

| କ୍ର. | ତାଲିକାଭୁକ୍ତ ବିଷୟ | ୟୁନିଟ୍ ମୂଲ୍ୟ | ସରକାରୀ ରିହାତି ୫୦ ପ୍ରତିଶତ (ଲକ୍ଷ ଟଙ୍କାରେ) |
|---|---|---|---|
| ୧ | ନିଜସ୍ୱ ବ୍ରୁଡ୍ ଷ୍ଟକ୍ ଦ୍ୱାରା ଆଗୁଆ ଯାଆଁଳ ଉତ୍ପାଦନ | ୧୨୦୦ କି.ଗ୍ରା. ସିଫାବ୍ରୁଡ୍ ଖାଦ୍ୟ କିମ୍ବା ଅନ୍ୟ ଖାଦ୍ୟ କି.ଗ୍ରା. ପ୍ରତି ଟ୮୫/- ହିସାବରେ ସର୍ବାଧିକ ୧ ଲକ୍ଷ ଟଙ୍କା | ୦.୫୦ ଲକ୍ଷ ଟଙ୍କା / ୧୦୦୦ କି.ଗ୍ରା. ବ୍ରୁଡ୍ଷ୍ଟକ୍। ପ୍ରତି ହ୍ୟାଚେରୀକୁ ସର୍ବାଧିକ ୪୦୦୦ କି.ଗ୍ରା. ବ୍ରୁଡ୍ଷ୍ଟକ ନିମନ୍ତେ (୪୮୦୦କି.ଗ୍ରା. ବ୍ରୁଡ୍ ଖାଦ୍ୟ) ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି। |
| ୨ | ନୂତନଭାବେ ବ୍ରୁଡ୍ଷ୍ଟକ ପ୍ରସ୍ତୁତି ନିମନ୍ତେ (ଦୁଇଗୋଟି ଯୋଜନା) | | |
| | କ) ସ୍ଥାନୀୟ ଚାଷୀଙ୍କ ଠାରୁ ୨ ବର୍ଷିଆ ମାଛର କ୍ରୟ ମୂଲ୍ୟ | ୨ଲକ୍ଷ ଟଙ୍କା/ ୧୦୦୦ କି.ଗ୍ରା. ମାଛ | ୧ଲକ୍ଷ ଟଙ୍କା / ୧୦୦୦ କି.ଗ୍ରା. ବ୍ରୁଡ୍ଷ୍ଟକ। ପ୍ରତି ହ୍ୟାଚେରୀ କୁ ୪୦୦୦ କି.ଗ୍ରା. ବ୍ରୁଡ୍ଷ୍ଟକ ନିମନ୍ତେ ୪ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି। |
| | ଖ) ୬ରୁ ୭ ମାସ ଚାଷ ଅବଧିରେ ବ୍ରୁଡ୍ଷ୍ଟକ ପାଳନ ପାଇଁ ସିଫାବ୍ରୁଡ୍ ଖାଦ୍ୟ ମୂଲ୍ୟ | ୧୨୦୦ କି.ଗ୍ରା. ସିଫାବ୍ରୁଡ୍ ଖାଦ୍ୟ କିମ୍ବା ଅନ୍ୟ ଖାଦ୍ୟ କି.ଗ୍ରା. ପ୍ରତି ଟ୮୫/- ହିସାବରେ ପ୍ରତି ୧୦୦୦ କି.ଗ୍ରା. ପୂର୍ଣ୍ଣାଙ୍ଗପ୍ରାପ୍ତ ବ୍ରୁଡ୍ଷ୍ଟକ ନିମନ୍ତେ ୧୨୦୦ କି.ଗ୍ରା. ଖାଦ୍ୟ, ସର୍ବାଧିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ। | ୦.୫୦ ଲକ୍ଷ ଟଙ୍କା / ୧୦୦୦ କି.ଗ୍ରା. ବ୍ରୁଡ୍ଷ୍ଟକ। ପ୍ରତି ହ୍ୟାଚେରୀକୁ ୪୦୦୦ କି.ଗ୍ରା. ବ୍ରୁଡ୍ଷ୍ଟକ ନିମନ୍ତେ (୪୮୦୦କି.ଗ୍ରା. ବ୍ରୁଡ୍ ଖାଦ୍ୟ) ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି। |
| ୩ | ଜାତୀୟ ମଧୁରଜଳ ବ୍ରୁଡ୍ ବ୍ୟାଙ୍କ (NFFBB) ଦ୍ୱାରା ପ୍ରସ୍ତୁତ ଉନ୍ନତ ଗୁଣସୂତ୍ର ଯୁକ୍ତ ଅଙ୍ଗୁଳିକା ଯାଆଁଳରୁ ୨ ବର୍ଷିଆ ବ୍ରୁଡ୍ଷ୍ଟକ ପ୍ରସ୍ତୁତି (୨ଟି ଯୋଜନା) | | |
| | କ) ବ୍ରୁଡ୍ ବ୍ୟାଙ୍କରୁ କାର୍ପମାଛର ଅଙ୍ଗୁଳିକା କ୍ରୟ | ପ୍ରତି ୧୦୦୦ ସଂଖ୍ୟା ବିଶିଷ୍ଟ ଅଙ୍ଗୁଳିକା (୮୦-୧୦୦ ମି.ମି.) ମୂଲ୍ୟ ଟ.୫୦୦୦/- | ଟ୨୫୦୦/- / ୧୦୦୦ ସଂଖ୍ୟକ କାର୍ପ ଅଙ୍ଗୁଳିକା। ପ୍ରତି ହ୍ୟାଚେରୀକୁ ୪୦୦୦ ଅଙ୍ଗୁଳିକା ନିମନ୍ତେ ସର୍ବାଧିକ ଟ୧୦୦୦୦/- ପର୍ଯ୍ୟନ୍ତ ରିହାତି। |
| | ଖ) ଏକ ବର୍ଷ ପର୍ଯ୍ୟନ୍ତ ବ୍ରୁଡ୍ଷ୍ଟକ ଲାଳନପାଳନ ନିମନ୍ତେ ଖାଦ୍ୟର ମୂଲ୍ୟ | ପ୍ରତି ବର୍ଷରେ ୧୦୦୦ କି.ଗ୍ରା. ବ୍ରୁଡ୍ଷ୍ଟକ ବୃଦ୍ଧି ନିମନ୍ତେ ୧୫୦୦ କି.ଗ୍ରା. ଉନ୍ନତ ମାଛ ଖାଦ୍ୟ କି.ଗ୍ରା. ପ୍ରତି ଟ୪୦/- ହିସାବରେ | ଟ.୩୦୦୦୦/- / ୧୦୦୦ ସଂଖ୍ୟକ ଅଙ୍ଗୁଳିକା। ପ୍ରତି ହ୍ୟାଚେରୀକୁ ୪୦୦୦ ସଂଖ୍ୟକ ଅଙ୍ଗୁଳିକା ପାଇଁ ଖାଦ୍ୟ କିଣିବା ନିମନ୍ତେ ସର୍ବାଧିକ ଟ୧,୨୦,୦୦୦/- ପର୍ଯ୍ୟନ୍ତ ରିହାତି। |
| ୪. | ହ୍ୟାଚେରୀ ପରିସରରେ ନୂତନ ବୋରୱେଲ୍ ସ୍ଥାପନ | ଗୋଟିଏ ବୋରୱେଲ ସ୍ଥାପନ ପାଇଁ ଟ୧,୫୦,୦୦୦/- (ହ୍ୟାଚେରୀ ପ୍ରତି ଗୋଟିଏ ବୋରୱେଲ) | ବୋରୱେଲ୍ ପ୍ରତି ରିହାତି ଟ୬୦,୦୦୦/- (ସର୍ବାଧିକ ୪୦ ପ୍ରତିଶତ ରିହାତି) |

## ଏହି ସହାୟତା ପାଇବା ପାଇଁ ନିୟମାବଳୀ:

୧. ଦରଖାସ୍ତକାରୀଙ୍କର ନିଜସ୍ୱ ହ୍ୟାଚେରୀ ଥିବା ଆବଶ୍ୟକ କିମ୍ବା କୌଣସି ହ୍ୟାଚେରୀକୁ ଆବେଦନ ସମୟରେ ଅନ୍ୟୁନ ୭ ବର୍ଷର ଲିଜ ଦଲିଲ ସଂପାଦିତ ହୋଇଥିବା ଆବଶ୍ୟକ। ହ୍ୟାଚେରୀଟି ଗତ ୩ ବର୍ଷ (ଅର୍ଥାତ ୨୦୧୮-୨୧ ପର୍ଯ୍ୟନ୍ତ) ମଧ୍ୟରେ ସକ୍ରିୟ ଭାବେ ପ୍ରତିବର୍ଷ ଯାଆଁଳ ଉତ୍ପାଦନ କରିଥିବେ।

୨. ଦରଖାସ୍ତକାରୀ ନିଜସ୍ୱ ଫାର୍ମରେ/ଲିଜ ଫାର୍ମରେ ଏଥିରେ ଉଲ୍ଲିଖିତ ୩ୟ କାର୍ଯ୍ୟକ୍ରମ ନିମନ୍ତେ ଅତିରିକ୍ତ ୦.୫୦ ହେକ୍ଟର ପୋଖରୀ ନିଶ୍ଚିତ କରିବେ।

**ଅଧିକ ବିବରଣୀ ଓ ସହାୟତା ନିମନ୍ତେ ବ୍ଲକ୍‌ରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।**

**ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର**